# ପାଠ-୧୬

# କୋଣାର୍କ

**STUDY NOTES**

## MIND MAP



**ଏକାଙ୍କିକାର ପୃଷ୍ଠପଟ୍ଟ**

ଇତିହାସ ଓ କିମ୍ବଦନ୍ତୀର ମଧୁର ସମନ୍ୱୟରେ ରଚିତ ହୋଇଛି ଏକାଙ୍କିକା 'କୋଣାର୍କ'। ଲୋକକଥାରେ କୋଣାର୍କର ନିର୍ମାଣ ଯେତିକି ବିସ୍ମୟକର, ଇତିହାସରେ ତା'ର ନିର୍ମାଣ ଆହୁରି ରହସ୍ୟମୟ; ହେଲେ ଗୋଟିଏ ଐତିହ୍ୟସମ୍ପନ୍ନ ଜାତିର ଏହି ଚମତ୍କାର କଳାକୃତିକୁ ନାଟ୍ୟରୂପ ଦେବାକୁ ଯାଇ ଏକାଙ୍କିକାର ଅନେକତଃ ନିର୍ଭର କରିଛନ୍ତି ଭାବାବେଗ ଉପରେ। ଏଥିରେ କୋଣାର୍କର 'ଦଧିନଉତି' ବସାଇ ମୁଣ୍ଡି ମରାଯିବା ପ୍ରସଙ୍ଗରେ ପ୍ରଚଳିତ ଧରମାର ଆତ୍ମୋତ୍ସର୍ଗପରି ଲୋକକଥାକୁ ଗୁରୁତ୍ୱ ଦିଆଯାଇଛି। ଧରମା ଓ ତା'ର ଜନନୀଙ୍କ ମଧ୍ୟରେ ଦୃଶ୍ୟାୟିତ ହୋଇଥିବା ବିଦାୟକାଳୀନ ଦୃଶ୍ୟର କାରୁଣ୍ୟ ଉତ୍କଳୀୟ ଶିଳ୍ପୀର କଳାକୁଶଳତାକୁ ଏକାଙ୍କିକାକାର ଆଲୋଚ୍ୟ ଏକାଙ୍କିକାରେ ଚମତ୍କାର ରୂପାୟନ କରିଅଛନ୍ତି।

**ଏକାଙ୍କିକାର ସାରକଥା:**

ଚନ୍ଦ୍ରଭାଗା ତୀରରେ ସୂର୍ଯ୍ୟୋଦୟକୁ ଉପଭୋଗ କରିଛନ୍ତି ରାଜା ନରସିଂହଦେବ। ଅଙ୍ଗରକ୍ଷୀ ଓ ଶିବେଇ ସାନ୍ତରାଙ୍କ ଗହଣରେ ସେ ଏହି ଅପୂର୍ବ ଦୃଶ୍ୟ ଦର୍ଶନରେ ମୋହିତ ହୋଇଛନ୍ତି। ତାଙ୍କ ପାଇଁ ଚନ୍ଦ୍ରଭାଗାରେ ଏ ସୂର୍ଯ୍ୟୋଦୟ ଅପାସୋରା ହୋଇ ରହିଯିବ ବୋଲି ସେ କହିଛନ୍ତି ଶିବେଇ ସାନ୍ତରାଙ୍କୁ। ଶିବେଇ ରାଜା ନରସିଂହଙ୍କ କଥାରେ ଏକମତ ହୋଇ ପ୍ରକଟ କରିଛନ୍ତି ଚନ୍ଦ୍ରଭାଗା ତୀରରେ ସୂର୍ଯ୍ୟମନ୍ଦିର ନିର୍ମାଣ କରିବାର ଆପଣାର ଅଭିଳାଷକୁ। ତାଙ୍କ ମାଆ ଛାୟା ମହାଦେବୀଙ୍କର ଶେଷ ଇଚ୍ଛା ଥିଲା ଚନ୍ଦ୍ରଭାଗାରେ ଏକ ସୂର୍ଯ୍ୟମନ୍ଦିର ପ୍ରତିଷ୍ଠା କରିବା ପାଇଁ। ସେ ମା'ଙ୍କ ଅଭିଳାଷକୁ ସାକାର କରିବାକୁ ଏବେ ପ୍ରତିଜ୍ଞାବଦ୍ଧ। ଶିବେଇ ସାନ୍ତରାଙ୍କୁ ନେଇ ସେ ପ୍ରସଙ୍ଗାନୁରୋଧରେ କହିଛନ୍ତି ଉତ୍କଳରେ ସବୁ ମନ୍ଦିର ଅଛି; ମାତ୍ର ସୂର୍ଯ୍ୟଙ୍କ ଆରାଧନା ପାଇଁ ସୂର୍ଯ୍ୟମନ୍ଦିର ନାହିଁ। ସୂର୍ଯଙ୍କ ଆରାଧନା କରି ଶାମ୍ବ ଦୁରାରୋଗ୍ୟ କୁଷ୍ଠରୋଗରୁ ମୁକ୍ତି ହୋଇଥିଲେ। ତେଣୁ ରାଜା ତାଙ୍କର ଏକାନ୍ତ ବିଶ୍ୱାସୀ ଶିବେଇ ସାନ୍ତରାଙ୍କୁ ମନ୍ଦିର ନିର୍ମାଣରେ ଦାୟିତ୍ୱ ଅର୍ପଣ କଲେ।